रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

(12)

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
डा० सं० 277/91
तारीख 5/7/91



| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 (ଶକ) | ଗ୍ରନ୍ଥଖଣ୍ଡ 1 |



## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଭାରତୀୟ ବିଧି ରିପୋର୍ଟ ଅଧିନିୟମ, 1875

## 1875 ର ଅଧିନିୟମ ସଂ 18

ବିଧି ରିପୋର୍ଟଗୁଡ଼ିକର ଉନ୍ନତି ପାଇଁ ଏକ ଅଧିନିୟମ

[ 13 ଅକ୍ଟୋବର, 1875 ]

ସଂକ୍ଷିପ୍ତ ନାମ ସ୍ଥାନୀୟ ବିସ୍ତାର ପ୍ରାରମ୍ଭ ।

**1.** ଏହି ଅଧିନିୟମ ଭାରତୀୟ ବିଧି ରିପୋର୍ଟ ଅଧିନିୟମ, 1875 ନାମରେ ଅଭିହିତ ହେବ ।

ଜମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସାରା ଭାରତରେ ବିସ୍ତୃତ;

ଏବଂ କେନ୍ଦ୍ର ସରକାର ସରକାରୀ ଗେଜେଟରେ ଏତଦୁପଲକ୍ଷେ ଯେଉଁ ଦିନଟିକୁ ଅଧିସୂଚିତ କରିବେ ସେହି ଦିନ ଏହା ପ୍ରବୃତ୍ତ ହେବ ।

**2.** [ 1875 ର ଅଧିନିୟମ 2 ର ନିରସନ ] ନିରସନକାରୀ ଅଧିନିୟମ, 1876 ( 1876 ର 12 ) ଦ୍ୱାରା ନିରସିତ ।

ପ୍ରାଧିକୃତ ରିପୋର୍ଟ ଗୁଡ଼ିକୁ ହିଁ ପ୍ରାଧିକାର ଦିଆଯାଇଅଛି ।

**3.** କୌଣସି ରାଜ୍ୟର ଉଚ୍ଚନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି କରାହୋଇଥିବା କୌଣସି ମାମଲାର ଯେଉଁ ରିପୋର୍ଟ କୌଣସି ରାଜ୍ୟ ସରକାରଙ୍କ ପ୍ରାଧିକାର ବଳରେ ପ୍ରକାଶିତ ହୋଇଥିବ ତଦ୍‌ଭିନ୍ନ ଅନ୍ୟ ସେପରି କୌଣସି ରିପୋର୍ଟର ଉଦ୍ଧୃତିକୁ ଶୁଣିବା ଲାଗି କୌଣସି ନ୍ୟାୟାଳୟ ବାଧ୍ୟ ହେବେ ନାହିଁ କି ନିଜ ଉପରେ ବାଧ୍ୟକର ଏକ ପ୍ରାଧିକାର ବୋଲି କୌଣସି ନ୍ୟାୟାଳୟ ସେହି ରିପୋର୍ଟକୁ ଗ୍ରହଣ କରିବେ ନାହିଁ କି ଗଣନା କରିବେ ନାହିଁ ।

ନ୍ୟାୟିକ ନିଷ୍ପତ୍ତିର ପ୍ରାଧିକାର ।

**4.** ଏହି ଅଧିନିୟମ ପାରିତ ନ ହୋଇଥିଲେ କୌଣସି ନ୍ୟାୟିକ ନିଷ୍ପତ୍ତିର ଯେଉଁ ପ୍ରାଧିକାର ଥାଆନ୍ତା ଏଥିରେ ଥିବା କୌଣସି ବିଷୟ, ସେହି ନ୍ୟାୟିକ ନିଷ୍ପତ୍ତିକୁ ଉକ୍ତ ପ୍ରାଧିକାରଠାରୁ କୌଣସି ଅଧିକ ବା ଭିନ୍ନ ପ୍ରାଧିକାର ଦେଉଥିବା ଅର୍ଥ କରାଯିବ ନାହିଁ ।